# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ)

**ଯୋଜନା ସମ୍ବନ୍ଧରେ :**

**ଯୋଜନାର ଉଦ୍ଦେଶ୍ୟ :** ବିଭିନ୍ନ ଉପାୟରେ କୃଷି କ୍ଷେତ୍ରରେ ଉତ୍ପାଦନକୁ ଚାଲୁ ରଖିବା ନିମନ୍ତେ ସହାୟତା ପ୍ରଦାନ କରିବା ହେଉଛି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ)ର ଲକ୍ଷ ।

କ) ଅଦୃଷ୍ଟପୂର୍ବ (ଅଜଣା) ଘଟଣା ପରିପ୍ରେକ୍ଷୀରେ ଫସଲ କ୍ଷତି / ନଷ୍ଟ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ।

ଖ) ଚାଷ କାର୍ଯ୍ୟର ଗତିଶୀଳତାକୁ ସୁନିଶ୍ଚିତ କରିବା ପାଇଁ ଚାଷୀ ମାନଙ୍କ ରୋଜଗାରକୁ ସୁଦୃଢ଼ କରିବା ।

ଗ) ନୂତନ ଏବଂ ଆଧୁନିକ ପ୍ରଣାଳୀର କୃଷି ପଦ୍ଧତିକୁ ଗ୍ରହଣ କରିବା ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିବା ।

ଘ) କୃଷି କ୍ଷେତ୍ରରେ ଋଣ ପ୍ରଦାନର ପ୍ରବାହକୁ ସୁନିଶ୍ଚିତ କରିବା ଯାହା ଖାଦ୍ୟ ନିରାପତା, ଫସଲ ବିବିଧୀକରଣ, କୃଷି କ୍ଷେତ୍ରରେ ଅଭିବୃଦ୍ଧି ଏବଂ ପ୍ରତିଯୋଗିତା ମନୋଭାବ ବୃଦ୍ଧି କରାଇବାରେ ସହାୟକ ହେବା ସହିତ ଚାଷୀମାନଙ୍କୁ ଉତ୍ପାଦନ କ୍ଷତିରୁ ରକ୍ଷା କରିବ ।

- ଏହି ଯୋଜନାରେ ସମସ୍ତ ଖାଦ୍ୟଶସ୍ୟ ଏବଂ ତୈଳବୀଜ ଫସଲ ଅର୍ନ୍ତଭୁକ୍ତ ଅଟେ ଏବଂ ବାର୍ଷିକ ବ୍ୟବସାୟିକ / ଉଦ୍ୟାନକୃଷି ଫସଲ ଯାହାର ଅତୀତ ଅମଳ ତଥ୍ୟାବଳୀ ଉପଲବ୍ଧ ଏବଂ ଯାହାପାଇଁ ଆବଶ୍ୟକ ସଂଖ୍ୟକ ଫସଲ କାଟିବା ପରୀକ୍ଷା (ନମ୍ବର ଅଫ୍ କ୍ରପ କଟିଙ୍ଗ ଏକ୍ସପେରିମେଂଟ) ଯାହାକି ସାଧାରଣ ଶସ୍ୟ ଆକଳନ ସର୍ବେକ୍ଷଣ ଅଂଶ ଭାବେ ସମ୍ପନ୍ନ ହୋଇଛି ତାହା ଏହି ଯୋଜନା ଅନ୍ତର୍ଭୁକ୍ତ ହେବ ।
- ଏହି ଯୋଜନାଟି ଅଧିସୂଚିତ ହୋଇଥିବା ଶସ୍ୟ ପାଇଁ ଶସ୍ୟ ଋଣ ନେଉଥିବା / କେସିସି ଆକାଉଂଟ୍ ଚାଷୀମାନଙ୍କ ପାଇଁ ଏହା ବାଧ୍ୟତାମୂଳକ ଅଟେ । ପରନ୍ତୁ ବିମାଭୁକ୍ତ ଫସଲ ଗୁଡ଼ିକର ବିମାଭୁକ୍ତି କରାଇବା ଅନ୍ୟ /ଋଣ ନେଉନଥିବା ଚାଷୀମାନଙ୍କ ପାଇଁ ଏହା ଇଚ୍ଛାଧୀନ ଅଟେ ।
- ଚାଷୀଙ୍କ ସମସ୍ତ ଖରିଫ ଖାଦ୍ୟ (ଫସଲ) କିମ୍ବା ତୈଳବୀଜ ଶସ୍ୟ ପାଇଁ ଶତକଡ଼ା ୨ ପ୍ରତିଶତ, ରବି ଫସଲ କିମ୍ବା ତୈଳବୀଜ ଶସ୍ୟ ପାଇଁ ଶତକଡ଼ା ୧.୫ ପ୍ରତିଶତ ଏବଂ ବ୍ୟବସାୟିକ/ଉଦ୍ୟାନ-କୃଷି ଫସଲ ନିମନ୍ତେ ଶତକଡ଼ା ୫ ପ୍ରତିଶତ ସର୍ବାଧିକ ପ୍ରିମିୟମ ଦେବାକୁ ପଡ଼ିବ ।
- ପ୍ରିମିୟମ ଏବଂ ବୀମା ଦେୟ ହାର ମଧ୍ୟରେ ଥିବା ପାର୍ଥକ୍ୟ ରାଶିକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମାନ ଭାବରେ ଭାଗ କରି ବହନ କରିବେ ।
- ଋଣୀ ଏବଂ ଅଣଋଣୀ ଚାଷୀମାନଙ୍କ ଋତୁକାଳୀନ ନିୟମ ସମାନ ଅଟେ ।

**ପିଏମ୍ଏଫବିୱାଇ ର ସଫଳତା :**

୧. ୨୦୧୬-୧୭ରବି ଋତୁ ଠାରୁ ସମଗ୍ର ଦେଶରେ ରାଜ୍ୟଗୁଡ଼ିକୁ ପିଏମ୍ଏଫ୍‌ୱାଇ ଯୋଜନାରେ ସାମିଲ କରିଛୁ ।

୨. ନିମ୍ନଲିଖିତ ରାଜ୍ୟ ଗୁଡ଼ିକରେ ଆମେ କାର୍ଯ୍ୟକାରୀ ଏଜେନ୍ସି ଅଟୁ ।

| କ୍ର. ସଂଖ୍ୟା | ଋତୁ | ରାଜ୍ୟ |
|---|---|---|
| ୧. | ରବି (୨୦୧୬-୧୭) | ଆସାମ |
| | | ମହାରାଷ୍ଟ୍ର |
| | | ଓଡ଼ିଶା |
| | | ବିହାର |
| ୨. | ଖରିପ୍ (୨୦୧୭) | ଓଡ଼ିଶା |
| | | ପଶ୍ଚିମବଙ୍ଗ |
| | | ତେଲେଙ୍ଗାନା |
| | | ମହାରାଷ୍ଟ୍ର |
| ୩. | ରବି (୨୦୧୭-୧୮) | ଆଣ୍ଡାମାନ ଓ ନିକୋବର |
| | | ମହାରାଷ୍ଟ୍ର |
| | | ଆନ୍ଧ୍ରପ୍ରଦେଶ |
| | | ମଣିପୁର |
| | | ଓଡ଼ିଶା |
| ୪. | ଖରିପ୍ (୨୦୧୮) | ତେଲେଙ୍ଗାନା |
| | | ଆନ୍ଧ୍ରପ୍ରଦେଶ |
| | | ଆସାମ |
| | | ଆଣ୍ଡାମାନ ଓ ନିକୋବର |
| | | ମଣିପୁର |
| | | ପୁଡୁଚେରୀ |

**ମୂଲ୍ୟାୟନ :**

ଋତୁ ଅନୁଯାୟୀ ବୀମାଭୁକ୍ତ ହେଉଥିବା ଫସଲର ମୂଲ୍ୟାୟନ ଆମ କମ୍ପାନୀର ଆକଚ୍ୟୁରିଆଲ ବିଭାଗ ସମ୍ପନ୍ନ କରିବ ।

**ସାଧାରଣ ପରିଚାଳନା :**

ଆମ୍ଭ କ୍ଷେତ୍ରୀୟ କାର୍ଯ୍ୟାଳୟମାନଙ୍କ ଦ୍ୱାରା ଦୈନିକ ପଂଜିକରଣ ସମୀକ୍ଷା ଏବଂ ଦାବୀ ଫଏସଲା କରାଯାଏ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପରିଚାଳନା ନିୟମାନୁସାରେ ବ୍ୟାଙ୍କ ଏବଂ ସିଏସ୍‌ସି ନିୟମିତ ଯୋଜନାକୁ କାର୍ଯ୍ୟକାରୀ କରିଥାନ୍ତି ।

**ପ୍ରଦର୍ଶନ :**

୨୦୧୬-୧୭ ରବି ଋତୁଠାରୁ ଆମ୍ଭେ ପାଇଲଟ ଭିତିରେ ଓଡ଼ିଶା ପ୍ରଦେଶର ୭ଟି ଜିଲ୍ଲାରେ ପିଏମ୍‌ଏଫ୍‌ବିୱାଇ ଯୋଜନାକୁ ୧.୪୮ କୋଟି ପ୍ରତ୍ୟେକ୍ଷ ପ୍ରିମିୟମରେ କାର୍ଯ୍ୟକାରୀ କରିବା ଆରମ୍ଭ କରିଥିଲୁ, ୨୦୧୭ ଖରିଫ୍ ଋତୁରେ ୫ ଟି ଜିଲ୍ଲାରେ ଆମେ ଟ୨୦୪.୦୦ କୋଟି ପ୍ରିମିୟମରେ ପହଂଚିଥିଲୁ । ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ପାଇଁ ଧାର୍ଯ୍ୟ ସମୀକ୍ଷାକୁ ସଫଳତା ସହିତ ସମାପନ କରାଯାଇଛି ।

*ସଂପର୍କ କରନ୍ତୁ :*

**କାଶିନାଥ ବେହେରା**

**୦୬୭୪-୨୫୪୧୭୯୪**